Chapter- 8

# ସୁନ୍ଦର ଆମର ଘର

## STUDY NOTES

୧. ଗୀତଟିକୁ ଆବୃତ୍ତି କର ।

୨. ଚିତ୍ରଗୁଡ଼ିକର ନାମ ଲେଖ ।



୩. କ) ପ୍ରଥମ ପିଲା 'ନ୍ଧ' ଥିବା ଶବ୍ଦକୁ ଗୁଳି ମାରିବ। ଦ୍ୱିତୀୟ ପିଲା 'ନ୍ଦ' ଥିବା ଶବ୍ଦକୁ ଆଙ୍କୁଡ଼ାରେ ଟାଣିବ।




EDUCATIONAL GROUP
Changing your Tomorrow

| 'ନ୍ଦ' ଶବ୍ଦ | 'ନ୍ଧ' ଶବ୍ଦ |
|---|---|
| ଫାନ୍ଦ | କାନ୍ଧ |
| ପନ୍ଦର | ବନ୍ଧ |
| ବନ୍ଦର | ରନ୍ଧାଶାଳ |
| ସିନ୍ଦୂର | ବାନ୍ଧବ |
| ସୁନ୍ଦର | ଅନ୍ଧାର |
| କାନ୍ଦଣା | ଗନ୍ଧ |
| | ରଜନୀଗନ୍ଧା |

ଖ)

| | | | | |
|---|---|---|---|---|
| ଚୌ | ମ | ନ୍ଦା | କି | ର |
| ଔ | ନ୍ଦ | ନ୍ଦି | କୋ | ଧ |
| ବ | ନ୍ଧ | ନ୍ଧା | ବା | ବି |
| ଅ | ଘ | ନ୍ଧୁ | ଷ | କ |

**ଉପରୁ ଅକ୍ଷର ନେଇ ଶବ୍ଦ ଗଢ଼ିବା ।**

| | | | | | |
|---|---|---|---|---|---|
| ଯେପରି- | ଚୌକି | ବନ୍ଧୁ | ମନ୍ଦା | ମନ୍ଦାର | ମନ୍ଦ |
| | କାନ୍ଦ | ବନ୍ଧାକୋବି | ଅନ୍ଧାର | ଘର | ଔଷଧ |
| | ବନ୍ଧ | ବନ୍ଧୁବାନ୍ଧବ | ମନ୍ଦିର | ଧନ୍ଦା | କନ୍ଧ |

**୪. ତଳେ ଥିବା ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରି ଗୋଟିଏ ଲେଖାଏଁ ବାକ୍ୟ ଲେଖ ।**

ଚାନ୍ଦୁଆ - ପିପିଲିରେ ଚାନ୍ଦୁଆ ମିଳେ ।

ସୁନ୍ଦର - ବଗିଚାର ଫୁଲଗୁଡ଼ିକ ଖୁବ୍ ସୁନ୍ଦର ଦେଖାଯାଉଛି ।

ଅନ୍ଧାର - ସାଧାରଣତଃ ଅନ୍ଧାରକୁ ପିଲାମାନେ ଡରନ୍ତି ।

ନଈବନ୍ଧ - ଆମ ଗାଁଟି ନଈବନ୍ଧ କଡ଼ରେ ଅବସ୍ଥିତ ।

ODM EDUCATIONAL GROUP Changing your Tomorrow

**୫. ଠିକ୍ ଉଚ୍ଚାରଣ କରି ପଢ଼ ଓ ଲେଖ ।**

ମନ୍ଦିର - **ମନ୍ଦିର**
ସ୍ୱର୍ଣ୍ଣ - **ସ୍ୱର୍ଣ୍ଣ**

ଚାନ୍ଦ - **ଚାନ୍ଦ**
ପୂର୍ଣ୍ଣିମା - **ପୂର୍ଣ୍ଣିମା**

ଅନ୍ଧାର - **ଅନ୍ଧାର**
ବନ୍ଧୁକ - **ବନ୍ଧୁକ**

ସିନ୍ଦୂର - **ସିନ୍ଦୂର**
ବର୍ଣ୍ଣନା - **ବର୍ଣ୍ଣନା**

ଚନ୍ଦନ - **ଚନ୍ଦନ**
ବନ୍ଧ - **ବନ୍ଧ**

କଦଳୀକାନ୍ଦି- **କଦଳୀକାନ୍ଦି**

**୬. ଧନ୍ଦାକୁ ପଢ଼ ଓ କୁହ ।**

ମୋ ମୁହଁ ଚାହିଁଲେ ତୋ ମୁହଁ ଦିଶେ
ଗାଁ ସହରରେ ସବୁଠି ମିଳେ
ମୋରି ଭିତରେ କରେ ମୁଁ ବନ୍ଦୀ
ଜଗତଯାକକୁ ପାରଇ ବାନ୍ଧି ।

ଉତ୍ତର- **ଦର୍ପଣ**

**୭. ଦୁଇ ଛବିରେ କ’ଣସବୁ ଅଲଗା ଦେଖୁଛ ଆଲୋଚନା କର ଓ ଲେଖ ।**

ପ୍ରଥମ ଛବି



ଦ୍ୱିତୀୟ ଛବି



**ପ୍ରଥମ ଛବିରେ:**

Changing your Tomorrow

- ବହିଥାକ ଓ ବହିଗୁଡ଼ିକ ଅସଜଡ଼ା ଭାବରେ ପଡ଼ିରହିଛି ।
- ଝାଡ଼ୁ, ଚପଲ ଓ ସୁରେଇ ଯଥା ସ୍ଥାନରେ ରଖାଯାଇ ନାହିଁ ।
- ଟେବୁଲ୍, ଚୌକି ଓ ଡେସ୍କ ମଧ୍ୟ ଠିକ୍ ସ୍ଥାନରେ ରଖାଯାଇନାହିଁ ।
- ସବୁଜିନିଷ ଅସଜଡ଼ା ଭାବରେ ପଡ଼ିରହିଛି ।

**ଦ୍ୱିତୀୟ ଛବିରେ:**

- ବହି ଥାକରେ ବହିଗୁଡ଼ିକ ସୁନ୍ଦର ଭାବରେ ସଜା ହୋଇ ରହିଛି ।
- ଝାଡ଼ୁ, ଚପଲ, ସୁରେଇ ଯଥା ସ୍ଥାନରେ ରଖା ହୋଇଛି ।

- ଟେବୁଲ, ଟେବୁଲ ଲ୍ୟାମ୍ପ, ଚୌକି ଓ ଡେସ୍କ ସଠିକ୍ ସ୍ଥାନରେ ରଖାଯାଇଛି।
- **ସବୁ ଜିନିଷ ସୁନ୍ଦର ଭାବରେ ସଜା ହୋଇ ରହିଛି।**
- **ତେଣୁ ଆମେ ଆମ ଘରର ସବୁଜିନିଷ ସଜାଡ଼ି ସାଇତି ରଖି ଘରଟିକୁ ସୁନ୍ଦର କରିବା।**

୮. ତୁମ ଘର ଓ ବିଦ୍ୟାଳୟ କେଉଁ ସମୟରେ ସଫା କରାଯାଏ କୁହ ଓ ଲେଖ।

ଉ: ସକାଳେ ଓ ସନ୍ଧ୍ୟାରେ ଘର ସଫା କରାଯାଏ।

ବିଦ୍ୟାଳୟ ଛୁଟି ପରେ ଓ ବିଦ୍ୟାଳୟ ଆରମ୍ଭ ପୂର୍ବରୁ ବିଦ୍ୟାଳୟ ସଫା କରାଯାଏ।

୯. ତଳେ କେତୋଟି କଥା କୁହାଯାଇଛି। ତୁମେ ସେଥିରୁ କେଉଁଟିକୁ ପସନ୍ଦ କରୁଛ ତା' ନିକଟରେ (✓) ଚିହ୍ନ ଦିଅ।

କ) ଘରର ଚାରିପାଖରେ ଥିବା ଅଳିଆଗୁଡ଼ିକୁ ସଫା କରିବା। (✓)

ଖ) ଅଳିଆଗୁଡ଼ିକୁ ଘର ନିକଟରେ ଗଦା କରିବା। ( )

ଗ) ଘରଠାରୁ ଦୂରରେ ଅଳିଆଗୁଡ଼ିକୁ ପୋତିଦେବା। (✓)

ଘ) ଅଳିଆଗୁଡ଼ିକୁ ରାସ୍ତାରେ ଫୋପାଡ଼ି ଦେବା। ( )

ODM EDUCATIONAL GROUP

୧୦. **କ'ଣ କଲେ ଅସନା ହୁଏ ?**

**ଘର ଭିତର**

କ) ଜିନିଷ ସଜାଡ଼ି ନ ରଖିଲେ।

ଖ) ଘର ଭିତର ଦୁଇଥର ଝାଡୁ ନ କଲେ।

ଗ) ପରିବା କାଟି ଚୋପା ଡଷ୍ଟବିନ୍‌ରେ ନ ପକାଇଲେ।

ଘ) ପଚାସଢ଼ା ଜିନିଷ-ଫଳ, ପରିବା ଆଦି ଡଷ୍ଟବିନ୍‌ରେ ନ ପକାଇଲେ।

ଙ) ଲୁଗା, ବାସନ କୁସନ ଖାଦ୍ୟ ଜିନିଷ ଯଥା ସ୍ଥାନରେ ସଜାଡ଼ି, ସାଇତି ନ ରଖିଲେ।

**ଘର ଚାରିପାଖ**

କ) ଘର ଚାରିପାଖେ ପ୍ରତିଦିନ ଝାଡୁ ନ କଲେ।

ଖ) ଘର ଚାରିପାଖରେ ଥିବା ଅନାବନା, ଗଛ ଘାସ, ଲତା ସଫା ନ କଲେ।

ଗ) ଶୁଖିଲା ଡାଳପତ୍ର ଘର ବାହାରେ ଗଦା କଲେ।

ଘ) ଅଦରକାରୀ ଜିନିଷ ଘର ବାହାରେ ପକାଇଲେ।

ଙ) ବିଭିନ୍ନ ଖାଦ୍ୟ ଦ୍ରବ୍ୟ ବାହାରେ ପକାଇଲେ।

ଛ) ଛେପ, ଖଙ୍କାର ଆଦି ବାହାରେ ପକାଇଲେ।

ଜ) ଘର ପାଖରେ ଅସନା ପାଣି ଜମାଟ ବାନ୍ଧିଲେ।

**୧୧. ଘର ଓ ଘର ଚାରିପାଖ ଅସନା ହେଲେ ତୁମର କ'ଣ କ୍ଷତି ହେବ ?**

ଉ: ଘର ଓ ଘର ଚାରିପାଖ ଅସନା ହେଲେ ଆମେ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବା। ଯଥା- ବାୟୁଜନିତ, ଜଳଜନିତ ରୋଗରେ ପୀଡ଼ିତ ହେବା। ଲୋକମାନେ ଆମକୁ ଆଦର କରିବେ ନାହିଁ କି ଆମେ ସୁସ୍ଥ ଜୀବନଯାପନ ଅତିବାହିତ କରିପାରିବା ନାହିଁ।

**୧୨. ତୁମେ କଦଳୀ ଖାଇସାରିବା ପରେ ଚୋପାକୁ କେଉଁଠି ପକାଇବ ?**

ଉ: ଆମେ କଦଳୀ ଖାଇସାରିବା ପରେ ଚୋପାକୁ ଡଷ୍ଟବିନ୍‌ରେ ପକାଇବୁ।

♦♦♦

ODM EDUCATIONAL GROUP
Changing your Tomorrow